# Akashvani, Sambalpur

## SAMBALPURI NEWS EVENING BULLETIN

## 5 August 2026-7.02- 7.12 pm.

---

୧- ସଂସଦ୍ ନ ଆଏଜ୍ ପାରିତ୍ ହେଲା ସୁପ୍ରିମ୍‌କୋର୍ଟ ବିଚାର୍‌ପତିଙ୍କର୍ ସଂଖ୍ୟା ସଂଶୋଧନ୍ ବିଧେୟକ୍ -୨୦୨୬ ।

୨- ଓଡ଼ିଶା ଗସ୍ତ ଶେଷ୍ କରିକରି ନୂଆଦିଲ୍ଲୀ ଫିର୍‌ଲେ ରାଷ୍ଟ୍ରପତି ।

୩- ଭୁବନେଶ୍ୱର୍ ନ ଆଏଜ୍‌ଠାନୁ ମୁଲ୍ ହେଇଛେ ବ୍ରିକ୍ସ ଶିକ୍ଷାମନ୍ତ୍ରୀ ମାନ୍‌କର୍ ବୈଠକ୍ ।

ଆଉର୍

୪- ସ୍ୱଚ୍ଛ ଶକ୍ତି ଆଉ ଶିଳ୍ପ ବିକାଶ୍ କ୍ଷେତ୍ରଥି ଓଡ଼ିଶା ଦେଶର୍ ଶକ୍ତି ପ୍ରଗତିର୍ ଇଞ୍ଜିନ୍ ଭାବେ ଉଭା ହେଇଛେ କହେଲେ ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ ।

ସଂସଦ          ଏନ୍‌ଏସ୍‌ଡି

ସଂସଦ୍ ନ ସୁପ୍ରିମ୍‌କୋର୍ଟ ବିଚାର୍‌ପତିଙ୍କର୍ ସଂଖ୍ୟା ସଂଶୋଧନ୍ ବିଧେୟକ୍ -୨୦୨୬ ଆଏଜ୍ ପାରିତ୍ ହେଇଛେ । ଲୋକ୍‌ସଭା ନ ଗଲା ସୋମ୍‌ବାର୍ ଦିନ ଇ ବିଲ୍ ପାସ୍ ହେଇଥିଲା । ଇ ବିଲ୍ ସୁପ୍ରିମ୍‌କୋର୍ଟ ବିଚାର୍‌ପତିଙ୍କର୍ ସଂଖ୍ୟା ଆଇନ୍-୧୯୫୬ କେ ସଂଶୋଧନ୍ କର୍‌ସି । ଯେନ୍‌ଥିର୍ ଲାଗି ସୁପ୍ରିମ୍‌କୋର୍ଟ ନ ବିଚାର୍‌ପତିଙ୍କର୍ ସଂଖ୍ୟା ୩୩ ନୁ ୩୭ କେ ବଢ଼ାଯିବା । ଚଲ୍‌ତି ବଛର୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମ୍‌କୋର୍ଟ ବିଚାର୍‌ପତିଙ୍କର୍ ସଂଖ୍ୟା ୩୩ ନୁ ୩୭ କେ ବଢ଼ାବାର୍ ଲାଗି ଅଧ୍ୟାଦେଶ୍ ଜାରି କରିଥିଲେ । ଲୋକ୍‌ସଭାକେ ବିଲ୍ ଫିରାବାର୍ ଉତ୍‌ରୁ ଗୃହ ସ୍ୱତନ୍ତ୍ର ଉଲ୍ଲେଖଗ୍ରହଣ୍ କରିଥିଲା । ଯେନ୍‌ଥି ଭିନ୍ ଭିନ୍ ସଦସ୍ୟ ସାର୍ବଜନୀନ ଗୁରୁତ୍ୱ ପ୍ରସଙ୍ଗକେ ଉଠେଇଥିଲେ । କାମ୍ ସର୍‌ବାର୍ ଉତ୍‌ରୁ ଉପସଭାପତି ଆଏବା କାଏଲ୍ ସଖାଲର୍ ୧୧ ବଜେତକ୍ ଗୃହକେ ମୁଲ୍‌ତବୀ ରଖିଥିଲେ ।

ସେଆଡ଼େ ଲୋକ୍‌ସଭା ନ ଆଏଜ୍ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍

ବେଙ୍କର୍ସ ବୁକ୍ ଏଭିଡେନ୍ସ ବିଧେୟକ୍-୨୦୨୬ ଆଗତ୍

କରିଥିଲେ । ଆଲୋଚନା ଉତ୍‌ରୁ ବିଧେୟକ୍ ଗୃହ ନ ପାରିତ୍ ହେଇଛେ । ବିଧେୟକ୍‌ଥି ବେଙ୍କର୍ସ ବୁକ୍ ଆଉ ଡିଜିଟାଲ୍ ବେଙ୍କିଙ୍ଗ୍ ବାବଦ୍ ଭିନ୍ ଭିନ୍ ଆଇନ୍ ବ୍ୟବସ୍ଥା ରହିଛେ । ତାର୍ ଉତ୍‌ରୁ ଲୋକ୍‌ସଭାକେ ଆଏବା କାଏଲ୍‌ତକ୍ ମୁଲ୍‌ତବୀ ରଖାୟାଇଛେ ।

ରାଷ୍ଟ୍ରପତି -ସ୍ୱତନ୍ତ୍ର ଟ୍ରେନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ ଦିନିଆ ଓଡ଼ିଶା ଗସ୍ତ ଶେଷ୍ କରିକରି ଆଏଜ୍ ଦିଲ୍ଲୀ ଫିରିୟାଇଛନ୍ । ଗସ୍ତ ଅବ୍‌ସରେ ରାଷ୍ଟ୍ରପତି କଟକ୍ ଆଉ ଗଞ୍ଜାମ୍ ଜିଲ୍ଲାର୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଥି ଯୋଗ୍ ଦେଇଥିଲେ । ରାଷ୍ଟ୍ରପତି ଗୁଟେ ଖାସ୍ ଟ୍ରେନ୍‌ଥି ଗଞ୍ଜାମ୍ ୟାଇକରି ତପ୍ତପାଣି ନ ମା କନ୍ଧୁଣୀ ଦେବୀ ଆଉ ଶିବ ମାହାପୁରୁଙ୍କର୍ ପୂଜା କରିଥିଲେ, ସଖାଲ୍‌ବେଲା ଗୋପାଲ୍‌ପୁର୍ ପାଶର୍ ଧବଳେଶ୍ୱର୍ ଶୈବପୀଠ ନ ଦର୍ଶନ୍ କରିଥିଲେ । ଗଞ୍ଜାମ୍ ଜିଲ୍ଲା ଗସ୍ତ ଶେଷ୍ କରିକରି ସଖାଲର୍ ୧୦ ବାଜିକରି ୨୦ ମିନିଟ୍‌ଥି ରାଷ୍ଟ୍ରପତି ବ୍ରହ୍ମପୁର୍ ରେଲ୍‌ଷ୍ଟେସନ୍‌ନୁ ଖାସ୍

ଟ୍ରେନ୍‌ଥି ଭୁବ୍‌ନେଶ୍ୱର୍ ପୁହୁଁଚିଥିଲେ । ତାର୍ ଉତ୍‌ରୁ ବାୟୁସେନାର୍ ବିମାନ୍‌ଥି ନୂଆଦିଲ୍ଲୀ ଫିରିଯାଇଛନ୍ ।

ବ୍ରିକ୍ସ-ଶିକ୍ଷା ମନ୍ତ୍ରୀମନ୍ତ୍ରୀ ବୈଠକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତ୍ ଚଲ୍‌ତି ବଛର୍ ବ୍ରିକ୍ସ ରାଷ୍ଟ୍ରଗୋଷ୍ଠୀର୍ ଅଧ୍ୟକ୍ଷତା କରୁଛେ । ଇ ଅବ୍‌ସରେ ଆଏଜ୍‌ଠାନୁ ଆଏବା ୭ ତାରିଖ୍‌ତକ୍ ଭୁବ୍‌ନେଶ୍ୱର୍‌ନ ବ୍ରିକ୍ସ ଶିକ୍ଷାମନ୍ତ୍ରୀ ମାନ୍‌କର୍ ୧୩ ନମ୍ବର୍ ବୈଠକ୍ ହେଉଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରହ୍ଲାଦ୍ ଯୋଷୀ ବୈଠକ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ୧୧ ଟା ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର୍ ୮ ଝନ୍ ଶିକ୍ଷାମନ୍ତ୍ରୀ ୪୦ ଝନ୍ ବରିଷ୍ଠ ପଦାଧିକାରୀଙ୍କର୍ ସହେତେ ୨ ଶହ ନୁ ଅଏତ୍‌କା ପ୍ରତିନିଧି ଇଥି ଭାଗ୍ ନଉଛନ୍ । ଆଏବା କାଏଲ୍ ସଦସ୍ୟ ରାଷ୍ଟ୍ର ସମୂହର୍ ଶିକ୍ଷାମନ୍ତ୍ରୀ ଆଉ ବରିଷ୍ଠ ପଦାଧିକାରୀମାନେ ଶିକ୍ଷା କ୍ଷେତ୍ରଥି ଭିନ୍ ଭିନ୍ ଦିଗ୍ ଉପ୍‌ରେ ଆଲୋଚନା କର୍‌ବେ । ଇ ବୈଠକ୍ ମାନ୍‌କେ ପ୍ରାରମ୍ଭିକ୍ ଶିଶୁ ଯତନ୍ ଆଉ ଶିକ୍ଷାକେ ବର୍‌କସ୍ କର୍‌ବାର୍ ଆଉ ବ୍ରିକ୍ସ ଟି.ଭି.ଇ.ଟି. ସଂଘ ଅଧୀନ୍‌ଥି ଦକ୍ଷତା ବିକାଶ୍ ଆଉ ବଢୁଥିବା

ସହଯୋଗ୍‌କେ ବର୍‌କସ୍ କର୍‌ବାର୍ ଉପ୍‌ରେ ଧ୍ୟାନ୍ ଦିଆଯିବା । ସେନ୍ତା ସହଯୋଗୀ ଗବେଷଣା ଉଦ୍ଭାବନ୍ ଆଉ ଷ୍ଟାର୍ଟଅପ୍‌କେ ତହଁକାବାର୍, ଯୋଗ୍ୟତା ଚିହ୍ନିକରି ତାକେ ବଢ଼ାବା ଦେବାର୍ ଆଉ ଶୈକ୍ଷିକ୍ ନେତୃତ୍ୱ ଲାଗି କ୍ଷମତା ନିର୍ମାଣ୍ ବିଷେଥି ବିଚାର୍ ବିମର୍ଷ କରାଯିବା ବଲି ଜନାପଡ଼ିଛେ ।

ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନାଥି ୨୦୨୬ ଖରିଫ୍ ଋତୁ ଲାଗି ପଞ୍ଜିକରଣ୍ ସମିଆକେ ଆଏବା ୧୫ ତାରିଖ୍‌ତକ୍ ବଢ଼ାଯାଇଛେ । ଇ ସମିଆ ଆଘୋନୁ ଗଲା ୩୧ ତାରିଖ୍ ଶେଷ୍ ହଉଥିଲା । ଚାଷୀମାନେ ଇ ସମିଆ ଭିତ୍‌ରେ ଧାନ୍, ମକା, ଦାଏଲ୍, ତେଲ୍ ବିଜା, କପା, ପନିପରିବା ଆଉ ଅଲ୍‌ଗା ଖରିଫ୍ ଫସଲ୍ ଲାଗି ବୀମା ପଞ୍ଜିକରଣ୍ କରେଇପାର୍‌ବେ । ଚାଷୀମାନେ ସେମାନ୍‌କର୍ ପାଶର୍ ପେକ୍ସ, ଲେମ୍ପସ୍, ବେଙ୍କ୍ ଶାଖା ଆଉ ଜନସେବା କେନ୍ଦ୍ର ଜରିଏ ପଞ୍ଜିକରଣ୍ କରିପାର୍‌ବେ । ଇ ପଞ୍ଜିକରଣ୍ ଲାଗି ଆଧାର୍‌କାର୍ଡ଼

ବାଧ୍ୟତାମୂଲକ୍ ହେଇଥିବାର୍ ବେଲେ ଝନେ ଚାଷୀ ସବୁନୁ ଅଏତ୍‌କା ୫ ହେକ୍ଟର୍‌ତକ୍ ଜମିର ବୀମା କରେଇପାର୍‌ବେ ।

ବହି ସଂଶୋଧନ୍-ସ୍ୱଷ୍ଟିକରଣ୍ ହି.ସ.

ସଂଶୋଧନ୍ ଉତ୍‌ରୁ ଭିଲ୍ ପଢ଼ାବହିଥି ଭୁଲ୍ ରହିଥିବା ବାବ୍‌ଦେ କେତେଟା ଗଣମାଧ୍ୟମ୍ ନ ପ୍ରଚାରିତ୍ ହେଉଥିବା ଖବର୍‌କେ ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ଖଣ୍ଡନ୍ କରିଛେ । ଆଏଜ୍ ବିଭାଗ୍ ତର୍‌ଫୁ ସାମାଜିକ୍ ଗଣମାଧ୍ୟମ୍ ଜରିଏ ସ୍ୱଷ୍ଟିକରଣ୍ ଦେଇକରି କୁହାଯାଇଛେ ଯେ, ଇ ଖବର୍‌ଥି କେନ୍‌ସି ପ୍ରକାର୍ ଯଥାର୍ଥତା ନାଇଁନ । ଭିନ୍ ଭିନ୍ ଶିକ୍ଷାବିତ୍ ଆଉ ବିଷୟ ବିଶେଷଜ୍ଞମାନ୍‌କର୍ ମତାମତ୍ ଆଧାର୍‌ଥି ପଢ଼ାବହି ମାନ୍‌କର୍ ସଂଶୋଧନ୍ କାମ୍ ଜାରି ରହିଛେ । ଆଉ ଖୋବ୍ ଜଲ୍‌ଦି ସଂଶୋଧିତ୍ ବହି ଛାତ୍ରଛାତ୍ରୀମାନ୍‌କୁ ଯୁଗେଇ ଦିଆଯିବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ନିଟ୍ କାଉନ୍ସେଲିଂ ଆର୍ଏନ୍ୟୁ/ ସମ୍ବଲପୁର

ନିଟ୍ ୟୁଜି ପହେଲା ଖେପ୍ ନାଁଲେଖା ଲାଗି ପଞ୍ଜିକରଣ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ଆଏବା ୧୨ ତାରିଖ୍ ଉପର୍‌ବେଲା ୩ ବଜେତକ୍ ଇ ପ୍ରକ୍ରିୟା ଚାଲ୍‌ବା । ଇଥି ବଛା ହେଇଥିବା ଛାତ୍ରଛାତ୍ରୀ ପଞ୍ଜିକରଣ୍ ସହେତେ ଦେୟ ଦେବେ । ଆଏବା କାଏଲ୍‌ଠାନୁ ୧୩ ତାରିଖ୍‌ତକ୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଚଏସ୍ ଲକିଂର ସମିଆ ଧାରିଜ୍ କରାଯାଇଛେ । ସହଜ୍ ଆଉ ସୁଗମ୍ ପଞ୍ଜିକରଣ୍ ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତର୍‌ଫୁ ପରାମର୍ଶ ଆଧାରିତ୍ ଭିଡ଼ିଓ, ମେଡ଼ିକାଲ୍ କାଉନ୍‌ସେଲିଂ କମିଟିର୍ ୱେବ୍‌ସାଇଟ୍‌ଥି ମିଲିପାରୁଛେ ।

ଶକ୍ତି ପ୍ରଗତିର୍ ଇଞ୍ଜିନ୍ ଆଇ.ଆଣ୍ଡ୍.ପି.ଆର୍

ସ୍ୱଚ୍ଛ ଶକ୍ତି ଆଉ ଶିଳ୍ପ ବିକାଶ୍ କ୍ଷେତ୍ରଥି ଓଡ଼ିଶା ଦେଶର୍ ଶକ୍ତି ପ୍ରଗତିର୍ ଇଞ୍ଜିନ୍ ଭାବେ ଉଭା ହେଇଛେ । ୨୦୩୦ ମସିହାତକ୍ ରାଏଜେ ୧୧ ଗିଗାୱାଟ୍ ଅକ୍ଷୟଶକ୍ତି ଉତ୍ପାଦନ୍ ଲକ୍ଷ୍ୟ

ରଖାଯାଇଛେ । ଆଇ.ଇ.ଇ.ଏମ୍.ଏ ଆଉ ରାଜ୍ୟ ସର୍କାର୍ଙ୍କର୍ ମିଲିତ ସମ୍ମିଲନୀଥି ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍, ଓଡ଼ିଶା ଗୁଟେ ବିଦ୍ୟୁତ୍ ବଳକା ରାଜ୍ୟ ଆଏ । କାର୍ଯ୍ୟକ୍ରମ୍ଥି ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଯୋଗ୍ ଦେଇକରି କହିଛନ୍, ରାଜ୍ୟର୍ ଉନ୍ନତ୍ ଭିତିଭୂମି ଆଉ ନିବେଶକ୍ ଅନୁକୂଳ ନୀତି ଲାଗି ଓଡ଼ିଶା ଶିଳ୍ପ ଆଉ ସବୁଜ ଶକ୍ତି ଉତ୍ପାଦନ୍ କ୍ଷେତ୍ରଥି ଶିଘା ନ ପୁହୁଁଚିପାରିଛେ । ପ୍ରଧାନ୍ମନ୍ତ୍ରୀଙ୍କର୍ ପୂର୍ବୋଦୟ ଯୋଜ୍ନାଥି ରାଏଜେ ଆଧୁନିକ୍ ସ୍ମାର୍ଟ ଗ୍ରୀଡ଼୍, ଡିଜିଟାଲ ସବ୍ଷ୍ଟେସନ୍ ଆଉ ଏ.ଆଇ. ସକ୍ଷମ୍ ବ୍ୟବସ୍ଥା ଜରିଏ ଶକ୍ତି କ୍ଷେତ୍ରକେ ଆହୁରି ବର୍କସ୍ କର୍ବାର୍କେ ନିଷ୍ପତି ନିଆଯାଇଛେ । ଓଡ଼ିଶା ନ ୧୦ ଲାଖ୍ କୋଟି ଟଙ୍କାର୍ ବିଶାଲ୍ ନିବେଶ୍ ଚାଲୁଥିବାର୍ନୁ ଇଠାନେ ଉଚା ଦର୍ଜାର୍ ବୈଦ୍ୟୁତିକ୍ ଉପକରଣ୍ ଆଉ ଟ୍ରାନ୍ସଫର୍ମର୍ର ବଡ଼ ଚାହିଦା ଦେଖାଦେଇଛେ । ଇ ଅବ୍ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପୁର୍ଥିର୍ ଶିଳ୍ପପତି ଆଉ ନିବେଶକ୍ମାନ୍କୁ ରାଏଜେ ନିବେଶ୍ କର୍ବାର୍କେ ଆହ୍ୱାନ୍ ଦେଇଛନ୍ ।

ସମ୍ବିଧାନ୍‌ର ଅନୁଚ୍ଛେଦ ୩୭୦          ଆର୍‌ଏନ୍‌ୟୁ/ କଟକ୍

ସମ୍ବିଧାନ୍‌ର ଅନୁଚ୍ଛେଦ ୩୭୦ କେ ହଟାବାର୍‌ଟାକେ ଆଏଜ୍ ୭ ବଛର୍ ପୁରା ହେଇଛେ । ୨୦୧୯ ମସିହା ଆଝିର୍ ଦିନେ ଜାମ୍ମୁ କାଶ୍ମୀର୍ ରାଜ୍ୟକେ ସ୍ୱତନ୍ତ୍ର ମାନ୍ୟତା ଦଉଥିବା ଅନୁଚ୍ଛେଦ୍ ୩୭୦ ବ୍ୟବସ୍ଥାକେ ସଂସଦ୍ ନ ଉଚ୍ଛେଦ୍ କରାଯାଇଥିଲା । ତାର୍ ଆଘୋନୁ ଅନୁଚ୍ଛେଦ୍ ୩ ଶହ ୭୦ ଥି ଥିବା ବ୍ୟବସ୍ଥା ଅନ୍‌ସାରେ ଜମ୍ମୁ କାଶ୍ମୀର୍ ଦେଶର୍ ଗୁଟେ ନ ରାଜ୍ୟ ଥିବା ଯାହାର୍ ଗୁଟେ ଅଲ୍‌ଗା ସମ୍ବିଧାନ୍ ରହିଥିଲା । ଇଟା ଗୁଟେ ସ୍ଥାୟୀ ବ୍ୟବସ୍ଥା ଥିଲା । ଯେନ୍‌ଟା ରାଜ୍ୟକେ ଖାସ୍ ସ୍ୱାୟତ ଶାସନ୍ କ୍ଷମତା ଦଉଥିବା ଅନୁଚ୍ଛେଦ୍ ୩୭୦ ହଟ୍‌ବାର୍ ଉତ୍‌ରୁ ସବୁ କେନ୍ଦ୍ରୀୟ ଆଇନ୍ ଆଉ ଭିନ୍ ଭିନ୍ ଜନ କଲ୍ୟାଣ୍‌କାରୀ ଯୋଜ୍‌ନା ସେଠାନେ ଲାଗୁ ହେଇଛେ । ଇ ନିଷ୍ପତି ସେ ଇଲାକା ନ ପୁଞ୍ଜିନିବେଶ୍‌କେ ଆକର୍ଷିତ୍ କର୍‌ବାର୍ ସହେତେ ସେଠାନେ ବିକାଶ୍‌ର ସମ୍ଭାବନାକେ ବଢ଼େଇଛେ ।

ସମଲେଇ ମନ୍ଦିର୍ ନିରୀକ୍ଷଣ୍       ସମ୍ବଲପୁର ସମ୍ବାଦଦାତା

ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ୍‌ର ଗୁଟେ ପ୍ରତିନିଧି ଦଲ୍ ଆଏଜ୍ ସମ୍ବଲପୁର୍ ଜିଲ୍ଲା ଗସ୍ତଥି ଆସିକରି ସମଲେଇ ମନ୍ଦିର୍ ପରିଦର୍ଶନ୍ କରିଛନ୍ । ମନ୍ଦିର୍ ମୁଖଶାଲା ଆଘାଡ଼େ ଥିବା ଗେଟ୍ ଉପ୍‌ରେ ପାଏନ୍ ଗଲୁଥିବା ଘଟ୍‌ନାର୍ ଅନୁସନ୍ଧାନ୍ କର୍‌ବାର୍ ସହେତେ ତାର୍ ଦେଖିରେଖି, ମରାମତି ଆଉ ତଦନ୍ତ୍ ଲାଗି ଇ ଦଲ୍ ପରିଦର୍ଶନ୍ କରିଛନ୍ । ଇଥିର୍‌ଲାଗି ଗଲା ୨୯ ତାରିଖ୍ ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ପର୍ଯ୍ୟଟନ୍ ବିଭାଗ୍‌କେ ଚିଠି ଲେଖିଥିଲେ । ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ୍‌ର ସହକାରୀ ଯନ୍ତ୍ରୀଙ୍କର୍ ନେତୃତ୍ୱଥି ୪ ଝନିଆ ଦଲ୍ ଆସିକରି ନିରୀକ୍ଷଣ୍ କରୁଛନ୍ ।

ପରିବେଶ୍ କମିଟି ବୈଠକ୍     ହି.ସ.

ଝାର୍‌ସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ୍ ବନ୍ଦର୍ ପରିବେଶ୍ କମିଟି ବୈଠକ୍ ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍‌ଙ୍କର୍ ଅଧକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ବିମାନ୍ ଚଲାଚଲ୍

ସୁରକ୍ଷା, ପକ୍ଷୀ ଆଉ ବନ୍ୟଜନ୍ତୁ ପରିଚାଲନା ଆଉ ଖରାଦିନେ ୱାଇଲ୍ଡ ଫାୟାର୍ ବିପଦ୍ ମୁକାବିଲା ଉପ୍‌ରେ ବିସ୍ତୃତ୍ ଆଲୋଚନା କରାଯାଇଥିଲା । ପକ୍ଷୀ ଧକ୍କାକେ ରୁକ୍‌ବାର୍ ଲାଗି ବିମାନ୍ ବନ୍ଦର୍ ନ ଆଧୁନିକ୍ ଏକାଉଷ୍ଟିକ୍ ଡିଭାଇସ୍ ବେଭାର୍ କରାଯାଉଥିବାର୍ ସୂଚ୍‌ନା ଦିଆଯାଇଛେ । ବିମାନ୍ ବନ୍ଦର୍ ନ ନିୟମିତ୍ ଘାସ୍ ସଫା, ଅଗ୍ନି ନିର୍ବାପକ ବ୍ୟବସ୍ଥା ପ୍ରସ୍ତୁତ୍ ରଖ୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ୟୁବ କାର୍ଯ୍ୟକ୍ରମ୍-ସୁବର୍ଣ୍ଣପୁର୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସର୍ ନ ଜିଲ୍ଲାସ୍ତରୀୟ ୟୁବ କାର୍ଯ୍ୟକ୍ରମ୍ ଆୟୋଜିତ୍ ହେଇଛେ । ନିଶାମୁକ୍ତ ସମାଜ୍ ଗଠନ୍ ଆଉ ବିକଶିତ୍ ଭାରତ୍ ନିର୍ମାଣ୍‌ଥି ୟୁଆନ୍ ବର୍ଗଙ୍କର୍ ଭୂମିକା ଆଉ ସଂକଳ୍ପର୍ ଗୁରୁତ୍ୱ ବାବ୍‌ଦେ ଅତିଥି ମାନେ ଆଲୋଚନା କରିଥିଲେ ।

ନିଶାମୁକ୍ତି ସଚେତନତା ସଭା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫୁ ନିଶାମୁକ୍ତ ସଚେତନତା ସଭା ହେଇଯାଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଜିଲ୍ଲାକେ ନିଶାମୁକ୍ତ କର୍‌ବାର୍ ଲାଗି ସାମୂହିକ ଚେଷ୍ଟା କର୍‌ବାର୍‌କେ ଆହ୍ୱାନ୍ କରିଥିଲେ ।

କୁଷ୍ଠରୋଗ୍ ଚିହ୍ନଟ୍ ଅଭିଯାନ ସୁବର୍ଣ୍ଣପୁର୍ ସମ୍ବାଦଦାତା

ଆଏବା ୧୭ ନୁ ୩୧ ତାରିଖ୍‌ତକ୍ ହେବାର୍‌କେ ଥିବା କୁଷ୍ଠରୋଗ୍ ଚିହ୍ନଟ୍ ଅଭିଯାନ୍ ଲାଗି ସୁବର୍ଣ୍ଣପୁର୍ ଜିଲ୍ଲା ସ୍ୱାସ୍ଥ୍ୟସମିତି ତରଫୁ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଅଭିଯାନ୍‌ର ମୁଲ୍ ଉଦ୍ଦେଶ୍ୟ ଆଉ କୁଷ୍ଠରୋଗ୍‌କେ କେନ୍ତା ପ୍ରାରମ୍ଭିକ୍ ଖେପେ ଚିହ୍ନଟ୍ କରାଯାଇପାର୍‌ବା ସେ ବାବ୍‌ଦେ ବିସ୍ତୃତ୍ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମ୍‌କେ

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଉ ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ର କର୍ମକର୍ତାମାନେ ତଦାରଖ୍ କର୍‌ବେ ବଲି ବୈଠକ୍‌ନୁ ସୂଚ୍‌ନା ମିଲିଛେ ।

ପାଣିପାଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ପର୍ଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ଆଉ ତାର୍ ପାଖର୍ ଆନ୍ଧ୍ର ସମୁଦ୍ରଖଁଡ଼ି ଇଲାକା ନ ଗୁଟେ ଘୂର୍ଣ୍ଣିବଲୟ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୬ ଦିନ୍ ତକ୍ ରାଏଜେ ବର୍ଷା ଲାଗି ରହେବା । ଆଏବା କାଏଲ୍ ସଖାଲ୍‌ତକ୍ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ନୂଆପଡ଼ା, କଲାହାଣ୍ଡି ସହେତେ ୧୩ ଟା ଜିଲ୍ଲା ନ ଅତି ଜବର୍ ବର୍ଷା ହେବା ବଲି କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ହୀରାକୁଦ୍ ଜଲ୍‌ଭଣ୍ଡାର୍ ନୁ ଆଏଜ୍ ସଞ୍ଝର୍ ୬ ବଜେତକ୍ ୮ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ ।